Click Here & Upgrade
Expanded Features
Unlimited Pages
PDF Complete

# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 996 CUTTACK, THURSDAY, JUNE 23, 2005 / ASADHA 2, 1927**

## ରାଜସ୍ୱ ବିଭାଗ

ଘୋଷଣା

ତାରିଖ 1 ଜୁନ 2005

ସଂଖ୍ୟା 22365–ଏଲ୍.ଏ.(ସି)-95/2004-ଢେଙ୍କାନାଳ (2)-ରା.-- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲର ଗଁଦିଆ ବ୍ରାଞ୍ଚ କେନାଲର ଠାକୁରପାଳ ଡିଷ୍ଟ୍ରିବ୍ୟୁଟାରୀ ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ମହାପଦା (ଅତିରିକ୍ତ), ଥାନା ଗଁଦିଆ, ଜିଲ୍ଲା ଢେଙ୍କାନାଳରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ୱାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 1.01 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894 ର ଅଧିନିୟମର ଧାରା 6 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନ୍‌ର 4 (1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 44732- ରା., ତାରିଖ 18 ନଭେମ୍ବର 2004 ଓ ରାଜପତ୍ର ସଂଖ୍ୟା 1657, ତାରିଖ 27 ନଭେମ୍ବର 2004ରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମାର ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଦକ୍ଷିଣ କେନାଲ ସିଷ୍ଟମ ଓ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ନଂ. 4, ଆଠଗଡ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
**ଦେବୀ ପ୍ରସାଦ ପଣ୍ଡା**
ଅନୁଶାସନ ସଚିବ

Printed and Published by the Director, Printing, Stationery and Publication, Orissa, Cuttack-10
Ex. Gaz. 443–193+25